# ତହସିଲ କାର୍ଯ୍ୟାଳୟ, ବାଙ୍କୀ

ପତ୍ରସଂଖ୍ୟା 493 ତାରିଖ 27.02.2019

## ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାଙ୍କୀ ତହସିଲ୍ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୧୯-୨୦୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୦୨୪ ବର୍ଷ ପର୍ଯ୍ୟନ୍ତ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC RULE 2016 FORM- M** ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ Rregistered Post/Speed post ଜରିଆରେ ତହସିଲଦାର ବାଙ୍କୀଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Box ରେ ଆସନ୍ତା ତା ୧୬.୦୩.୨୦୧୯ ରିଖ ଠାରୁ ତା ୦୫.୦୪.୨୦୧୯ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ( ଛୁଟିଦିନ ବ୍ୟତୀତ ) । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଛି । ତା ୦୬.୦୪.୨୦୧୯ ରିଖ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ ଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା ୨୫.୦୪.୨୦୧୯ ରିଖ ଏବଂ ତା ୦୪.୦୫.୨୦୧୯ ରିଖ (ଦିବା ୧୧ ଘଟିକା ) ସମୟରେ ଅନୁଷ୍ଠିତ ହେବ ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ପାଉଣା ବାବଦକୁ ଟ ୧୦୦୦ .୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ।

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୩. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧିୟ ସତ୍ୟ ପାଠ ।

୪. ଆବେଦନକାରୀ ରୟାଲିଟି ( **Royalty** )ଓ ଅତିରିକ୍ତ ଦେୟ ( **Additional Charge** ) ବାବଦକୁ ବାର୍ଷିକ ଶତକଡା ୫ % ହାରରେ ସ୍ଥିରୀକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତ ରାଶି ( **Earnest Money**) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପୈଠ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସୀ ସାର୍ଟିଫିକେଟ୍ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର ( **Additional Charge** ) ମୂଲ୍ୟ ଠାରୁ କମ୍ ହୋଇନଥିବା ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୬. ନିଲାମଧାରୀ ( **successful bidder** ), **mining plan and environmental clearance** ବାବଦକୁ ଦେୟ ପୈଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷୀତ ହୁଏ , ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ( ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ହେବ ।

27.2.19

ତହସିଲଦାର, ବାଙ୍କୀ

# ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- ୨୦୧୬ ( OMMC RULE - 2016) ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (ADDITIONAL CHARGE ) ବାବଦକୁ ସର୍ବୋଚ୍ଚ ମୁଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ମାଇନିଂ ପ୍ଲାନ ରେ ସ୍ଥିରୀକୃତ ହୋଇଥିବା ଗଚ୍ଛିତ ଲଘୁ ଖଣିଜଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge ) ର ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି ବାଲି ନିମନ୍ତେ ( @ Rs 35/- per cum. ) ଓ ନାଲି ମେଣ୍ଟାଲ ନିମନ୍ତେ( @ Rs130/- per cum. ) ପୈଠ କରିବେ । ଏଥି ସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଫଣ୍ଡ (DMF )ଦେୟ ମଧ୍ୟ ପୈଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ( Lease deed ) ସମ୍ପାଦନ କରିବେ ଏବଂ ତତ୍ ପରେ ଖାଦାନ ପରିଚାଳନା କରିବେ ।

୪. ଯଦି ସର୍ବୋଚ୍ଚ ଆଡିସନାଲ ଚାର୍ଜ ବା ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ( Controlling authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

୬. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଉଥିବା surface rent, dead rent ଓ royalty ପୈଠ କରିବେ ।

୭. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMF )and Environmental Management Fund (EMF )ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।

୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ରେ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନ ଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୯. କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଚୁକ୍ତିପତ୍ର ( Lease Deed ) ସମ୍ପାଦନ କରିବା ପୁର୍ବରୁ ଚୁକ୍ତିପତ୍ରର ସମସ୍ତ ସର୍ତ୍ତାବଳୀ ଅନୁପାଳନ କରିବା ପାଇଁ ସିକ୍ୟୁରିଟି ଡିପୋଜିଟ ଆକାରରେ ଟ ୧୦,୦୦୦ ଙ୍କା ପୈଠ କରିବେ ।

୧୦. ନିଲାମଧାରୀ OMMC RULE -2016 ର ନିୟମ -33( 1-29 ) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୧୧. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରୀକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ ।

୧୨. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୧୩. ନିଲାମଧାରୀ ଜମା ରୟାଲିଟି ର ୨ % ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।

୧୪. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

ନିଲାମସ୍ଥାନ – ତହସିଲ କାର୍ଯ୍ୟାଳୟ, ବାଙ୍କୀ

ଧାର୍ଯ୍ୟ ତାରିଖ – ତା ୦୬।୦୪।୨୦୧୯ ରିଖ ଦିବା ୧୧ ଘଟିକା

*ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।*

27.2.19

ତହସିଲଦାର, ବାଙ୍କୀ

<u>ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ</u>

ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନଂ | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ ( per cum ) ଟଙ୍କାରେ | ଅତିରିକ୍ତ ଦେୟ ( Additional Charge per cum ) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|
| ୧ | ପଟୁ ଗଦାଧରପୁର | କୋଟଦ୍ୱାର ବାଲିଘାଟ ୨୭/୨୦୧୯-୨୦ | ୧ | ୨୫ (p) | Ac 50.00 | ନଦୀ | ବାଲି | ଟ ୩୫.୦୦ | ଟ ୮୨.୦୦ | ୧୧୦୦୦୦ CM | ଟ ୬,୪୩,୫୦୦.୦୦ |
| ୨ | ପାଣି କୋରଡ | ପଥର ଖଣି ୨୪/୨୦୧୯-୨୦ | ୨୦୧ | ୩୦ | A c 2.50 | ମୁଣ୍ଡିଆ | ରଫ୍ ମେଣ୍ଟାଲ | ଟ ୧୩୦.୦୦ | ଟ ୧୨.୫୦ | ୭୨୦ CM | ଟ ୫୧୩୦.୦୦ |

27.2.19

ତହସିଲଦାର, ବାଙ୍କୀ

# ତହସିଲ କାର୍ଯ୍ୟାଳୟ, ବାଙ୍କୀ

PIN -754008 Email : tah.banki@nic.in

ପତ୍ର ସଂଖ୍ୟା : ତା

## ଲଘୁଖଣିଜ ଉତ୍ସର ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବାଙ୍କୀ ତହସିଲ ଅନ୍ତର୍ଗତ କୋଟଦ୍ୱାର ବାଲିଘାଟ (ସୈରାତ କେସ ନମ୍ବର-୨୭/୨୦୧୯-୨୦ ) ଓ ପାଣିକୋଉଡ ପଥର ଖଣି (ସୈରାତ କେସ ନମ୍ବର-୨୪/୨୦୧୯-୨୦ ) ଲଘୁଖଣିଜ ଦ୍ରବ୍ୟ ଗୁଡିକର ଆସନ୍ତା ୫ବର୍ଷ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ଲିଜ ନିମନ୍ତେ ପୃଥକ ଭାବେ ଦରଖାସ୍ତ ଗ୍ରହଣ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC Rule -2016** ଅନୁଯାୟୀ **FORM-M** ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ **Registered /Speed Post** ଜରିଆରେ ତହସିଲଦାର, ବାଙ୍କୀଙ୍କ ଠିକଣାରେ ଆସନ୍ତା ତା ୧୬.୦୩.୧୯ ରିଖ ଠାରୁ ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ପଠାଇପାରିବେ କିମ୍ବା ଦରଖାସ୍ତକାରୀ ସିଧାସଳଖ (ଛୁଟିଦିନ ବ୍ୟତୀତ) ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଜଉମୁଦ ଲଫାପା ପକାଇପାରିବେ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ ର କ୍ରମିକ ସଂଖ୍ୟା ଲେଖା ଥିବା ଆବଶ୍ୟକ । ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ ।କୌଣସି କାରଣ ନଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ,କଟକଙ୍କ ରହିଛି । ତା ୦୭.୦୪.୧୯ ରିଖ ଦିବା ୧୧ ଘଟିକା ସମୟ ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ ।ଯଦି କୌଣସି ଉତ୍ସ ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇପାରେ, ତେବେ ଯଥାକ୍ରମେ ତା ୨୫.୦୪.୨୦୧୯ ରିଖ ଓ ତା ୦୪.୦୫.୨୦୧୯ ରିଖ ଦିବା ୧୧ ଘଟିକା ସମୟରେ ପୁନର୍ବାର ଦରଖାସ୍ତ ଗୁଡିକ ନିଲାମ ନିମନ୍ତେ ତନଖି କରାଯିବ ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ପାଉଣା ବାବଦକୁ ଟ୧୦୦୦ .୦୦(ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ

୨. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ ବିବରଣୀ ଓ ନକ୍ସା ।

୩. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧିୟ ସତ୍ୟ ପାଠ ।

୪. ଆବେଦନକାରୀ ରୟାଲିଟି ( **Royalty** )ଓ ଅତିରିକ୍ତ ଦେୟ ( **Additional Charge** ) ବାବଦକୁ ବାର୍ଷିକ ଶତକଡା ୫ % ହାରରେ ସ୍ଥିରୀକୃତ ହୋଇଥିବା ବାଲିର ପରିମାଣ ଉପରେ ଦେୟ ଅମାନତ ରାଶି ( **Earnest Money**) ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପୈଠ କରିବେ ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସୀ ସାର୍ଟିଫିକେଟ୍ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପଦାନ କରଥିବା ଅତିରିକ୍ତ ଦେୟର ( **Additional Charge** ) ମୂଲ୍ୟ ଠାରୁ କମ୍ ହୋଇନଥିବା ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

୬. ନିଲାମଧାରୀ( **successful bidder). mining plan& Environmental clearance** ବାବଦକୁ ଦେୟ ପୈଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷୀତ ହୁଏ , ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ( ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୁର୍ଣ ବିବରଣୀ **www.cuttack.nic.in** ରେ ଉପଲବ୍ଧ ହେବ ।

ସ୍ୱା/-

ତହସିଲଦାର, ବାଙ୍କୀ